# Akashvani, Sambalpur

# SAMBALPURI NEWS MORNING BULLETIN

# 13 October 2026 - 6.47- 6.52 am.

---

ନୂଆଁ ରାଜ୍ୟପାଳ          ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାର୍ ନୂଆଁ ରାଜ୍ୟପାଲ୍ ହିସାବେ ବ୍ରଜମୋହନ୍ ରାମ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ୬ ଟା ରାଜ୍ୟର୍ ଲାଗି ନୂଆଁ ରାଜ୍ୟପାଲ୍ ନିଯୁକ୍ତ କରିଛନ୍ । ଏଭର୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କର୍ ଜାଗା ନ ତାଙ୍କୁ ନିଯୁକ୍ତି ଦିଆଯାଇଛେ । ଝାର୍‌ଖଣ୍ଡର ଆଘର୍ ସାଂସଦ୍ ବ୍ରଜମୋହନ୍ ରାମ୍ ଅବିଭକ୍ତ ବିହାର୍‌ର ପାଲାମୁ ଲୋକ୍‌ସଭା କ୍ଷେତ୍ରନୁ ୩ ଥର୍ ବିଜେପି ପ୍ରାର୍ଥୀ ଭାବେ ସାଂସଦ୍ ନିର୍ବାଚିତ୍ ହେଇଥିଲେ । ଝାର୍‌ଖଣ୍ଡ ବିଜେପି ଏସ୍.ସି. ମୋର୍ଚ୍ଚାର ସେ ରାଜ୍ୟପ୍ରଭାରୀ ଭିଲ୍ ଥିଲେ ।
ନବନିଯୁକ୍ତ ରାଜ୍ୟପାଲ୍ ବ୍ରଜମୋହନ୍ ରାମଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ପୁରୀ ଜିଲ୍ଲାର୍ ଭିନ୍ ଭିନ୍ ବିକାଶ୍‌ମୂଲକ୍ ଆଉ ଭିତିଭୂମି ପ୍ରକଳ୍ପ ମାନ୍‌କର୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ ପୁରୀକେ ଗୁଟେ ବିଶ୍ୱସ୍ତରୀୟ ଐତିହ୍ୟ ଆଉ ପର୍ଯ୍ୟଟନ୍ ସହର୍ ବନାବାର୍ ସହେତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ନୀତିକାନ୍ତି ଆଉ ସେବାୟତ୍ ମାନ୍‌କର୍ କଲ୍ୟାଣ୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍‌ଥି ରାଜ୍ୟ ସର୍‌କାର୍ ସବୁ ପ୍ରକାରର୍ ପଦକ୍ଷେପ୍ ନଉଛନ୍ ବଲି ବୈଠକ୍‌ନୁ ଜନାପଡ଼ିଛେ । ବୈଠକ୍‌ଥି ଶ୍ରୀଜଗନ୍ନାଥ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ତିଆର୍ କାମ୍, ରଘୁନନ୍ଦନ୍ ପାଠାଗାର୍‌ର ପୁନଃନିର୍ମାଣ୍ ଆଉ ଶ୍ରୀଜଗନ୍ନାଥ୍ ଇଂଟର୍‌ପ୍ରିଟେସନ୍ କେନ୍ଦ୍ରର୍ ଥାପ୍‌ନା କାମ୍‌କେ ଜଲ୍‌ଦି ଆଗ୍‌କେ ବଢ଼ାବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବଡ଼ଦାଣ୍ଡନୁ ହଟାଯାଇଥିବା ଉଠା ଦୁକାନୀମାନ୍‌କୁ ଶ୍ରୀ ସେତୁ ପାଶେ ଜରୁରୀକାଲୀନ୍ ଭିତିଥି ତୁରନ୍ତ ଥଇଥାନ୍ କର୍‌ବାର୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ଆବାସ୍ ବଂଟନ୍- ମୁଖ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଘାଟିକିଆ ଠାନେ ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍, ଭିତିପ୍ରସ୍ତର୍ ଥାପ୍‌ନା ଆଉ ଆବାସ୍ ବଂଟନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଇ ଅବ୍‌ସରେ ଘାଟିକିଆ ଆଉ ଗାଡ଼କଣ ନ ଆବାସ୍ ପ୍ରକଳ୍ପ ଆଉ ବିଡ଼ିଏ ଆଉ ବିଏମ୍‌ସି ଇଲାକା ନ ୧୨ ଟା ଖେଲପଡ଼ିଆର୍ ଲୋକାର୍ପଣ୍ କର୍‌ବେ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଭଡ଼ା ଆବାସ ଯୋଜ୍‌ନାର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । କାର୍ଯ୍ୟକ୍ରମ୍‌ଥି ଗୃହ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ସ୍ଲୋଗାନ୍ ଆଉ ଚିତ୍ରାଙ୍କନ ପ୍ରତିଯୋଗିତା ଭୁବ୍‌ନେଶ୍ୱର୍

ସଡ଼କ୍ ସୁରକ୍ଷା ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କର୍ ସଚେତନତା ବଢ଼ାବାର୍ ଲାଗି ଆଏଜ୍ ରାଜ୍ୟର୍ ସବୁ ଜିଲ୍ଲା ନ ସେବା ସଂକଳ୍ପ ଅଭିଯାନ୍ ଅବ୍‌ସରେ ସ୍ଲୋଗାନ୍ ଆଉ ଚିତ୍ରାଙ୍କନ ପ୍ରତିଯୋଗିତାର୍ ଆୟୋଜନ୍ କରାଯିବା । ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ବିଦ୍ୟାଳୟମାନ୍‌କର୍ ୮ ନୁ ୧୦ ଶ୍ରେଣୀର୍ ଛାତ୍ରଛାତ୍ରୀମାନେ ଭାଗ୍ ନେବେ । ଛାତ୍ରଛାତ୍ରୀମାନେ 'ସୁରକ୍ଷିତ୍ ଭାବେ ଘର୍‌କେ ଫିରୁନ୍' ବିଷୟବସ୍ତୁ ଉପ୍‌ରେ ନିଜର୍

ସୃଜନଶୀଳ ଚିନ୍ତାଧାରାକେ ଚିତ୍ର ଆଉ ସ୍ଲୋଗାନ୍ ଜରିଏ ପ୍ରଦର୍ଶିତ୍ କର୍‌ବେ ।

ପ୍ରକଳ୍ପ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ବ୍ରଜରାଜ୍‌ନଗର୍ ନିର୍ବାଚନ୍ ମଣ୍ଡଲୀ ଅଧୀନ୍‌ଥି ୬ ଟା ଉନ୍ନୟନ୍ ପ୍ରକଳ୍ପର୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ଶିଳାନ୍ୟାସ୍ କରିଛନ୍ । ଇଥିର୍‌ଲାଗି ୨୩ କୋଟି ୮୯ ଲାଖ୍ ଟଙ୍କାର୍ ବ୍ୟୟବରାଦ୍ ରଖାଯାଇଛେ । ପ୍ରକଳ୍ପ ସବୁ କାର୍ଯ୍ୟକ୍ଷମ୍ ହେଲେ ଯୋଗାଯୋଗ୍ ଆଉ ସର୍‌କାରୀ ସେବା ଦେବାର୍ ଅଏତ୍‌କା ଉନ୍ନତ୍ ହେଇପାର୍‌ବା ।

ନବରାତ୍ର ପୂଜା ଆର୍‌ଏନ୍‌ୟୁ କଟକ୍

ସାରା ଦେଶେ ଏଛେନ୍ ପୂଜାର୍ ମାହୋଲ୍ ଲାଗି ରହିଛେ । ରାଜ୍ୟ ଆର୍ ଦେଶର୍ ଭିନ୍ ଭିନ୍ ଶକ୍ତିପୀଠ ମାନ୍‌କେ ମାଁ ଦୁର୍ଗାଙ୍କର୍ ନବରାତ୍ର ପୂଜା ଚାଲିଛେ । ଆଏଜ୍ ନବରାତ୍ରୀର ୩ ନମ୍ବର୍ ଦିନେ ମା ଚନ୍ଦ୍ରଘଂଟାଙ୍କୁ ପୂଜା କରାଯାଉଛେ ।

ବିପର୍ଯ୍ୟୟ ପ୍ରଶମନ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରାକୃତିକ ବିପର୍ଯ୍ୟୟକେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ବିପର୍ଯ୍ୟୟ ସମସ୍ୟାର୍ ସମାଧାନ୍ ଲକ୍ଷ୍ୟଥି ଆଏଜ୍ ବିଶ୍ୱ ବିପର୍ଯ୍ୟୟ ପ୍ରଶମନ ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ - ଦୃଢ଼ତା ଘରୁ ହିଁ ମୁଲ୍ ହେସି ।

ଅର୍ଥନୀତି ନୋବେଲ ଏକ୍ସ

ଚଲ୍‌ତିବଛର୍ ଲାଗି ଅର୍ଥନୀତିଥି ନୋବେଲ୍ ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ଆମେରିକାର୍ ଅର୍ଥନୀତିଜ୍ଞ ରବର୍ଟ ଇ-ହଲ୍ ଆଉ ମାଇକେଲ୍ ଉଡ୍‌ଫର୍ଡ୍ ଇଥିର୍‌ଲାଗି ମନୋନୀତ୍ ହେଇଛନ୍ । ସେମାନ୍‌କର୍ ଗବେଷଣା ନିର୍ଯ୍ୟାସ ଅଣୁ, କ୍ଷୁଦ୍ର ଅର୍ଥନୀତି ବାବଦ୍ ନୀତି ନିର୍ଦ୍ଧାରଣ୍ କର୍‌ବାର୍‌ଥି ଉପଯୋଗୀ ହେବା ।

ସୋଲାର୍ ରଥ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ପରିସର୍‌ନୁ ପି.ଏମ୍. ସୂର୍ଯ୍ୟଘର୍ ମୁଫ୍‌ତ୍ ବିଜ୍‌ଲି ଯୋଜ୍‌ନା ବାବ୍‌ଦେ

ଲୁକ୍‌କୁ ଅଏତ୍‌କା ସଚେତନ୍ କର୍‌ବାର୍ ସହେତେ ରୁଫ୍‌ଟପ୍ ସୋଲାର୍ ଲାଗାବାର୍ ଲାଗି ତହଁକାବାର୍ ଲକ୍ଷ୍ୟଥି ଟାଟା ପାୱାର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ମିଲିତ୍ ଚେରେଷ୍ଟାଥି ଟିପିଡବ୍ଲୁଓଡିଏଲ୍ ତର୍‌ଫୁ ସୋଲାର୍ ରଥର୍ ଶୁଭାରମ୍ଭ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରଥର୍ ଶୁଭାରମ୍ଭ କରିଥିଲେ ।

ଧନୁଯାତ୍ରା-ପ୍ରସ୍ତୁତି ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱପ୍ରସିଦ୍ଧ ବର୍‌ଗଡ୍ ଧନୁଯାତ୍ରା ଆଏବା ଜାନୁଆରୀ ୧୨ ନୁ ୨୨ ତାରିଖ୍‌ତକ୍ ହେବା । ଇଥିର୍‌ଲାଗି ମହୋତ୍ସବ୍ ସମିତି କାର୍ଯ୍ୟକାରୀ କମିଟିର୍ ପହେଲା ପ୍ରସ୍ତୁତି ବୈଠକ୍ ଆଏଜ୍ ହେବା । ବୈଠକ୍‌ଥି କଲାକାର୍ ଚୟନ୍ ସହେତେ ସହ ଆବାହକ୍ କମିଟି ବାବ୍‌ଦେ ଭିଲ୍ ନିଷ୍ପତି ନିଆଯିବାର୍ ସମ୍ଭାବନା ଅଛେ ।

ପ୍ରତିଯୋଗିତା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପୃଥ୍ୱୀରାଜ୍ ହାଇସ୍କୁଲ୍ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ ୭୦ ନମ୍ବର୍ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ

ବେଡ଼ମିଂଟନ୍, ଫେନ୍ସିଂ, ଥାଙ୍ଗ୍ଟା ଆଉ କ୍ରିକେଟ୍ ପ୍ରତିଯୋଗିତା - ୨୦୨୬ ଗଲାକାଏଲ୍ ମୁଲ୍ ହେଇଛେ । ୧୪ ଆଉ ୧୭ ବଛର୍‌ନୁ କମ୍ ବାଲକା, ବାଳିକା ଇଥି ଭାଗ୍ ନଉଛନ୍ ।

ଫୁଟ୍‌ବଲ୍ ଚାମ୍ପିଆନ୍‌ସିପ        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ପହେଲା ଥର୍ ଲାଗି ୨୦୨୬-୨୭ ବଛର୍‌ଥି ରାଜ୍ୟସ୍ତରୀୟ ୧୪ ବଛର୍‌ନୁ କମ୍ ବାଲକ ଫୁଟ୍‌ବଲ୍ ଚାମ୍ପିଆନ୍‌ସିପ୍ ଆଏଜ୍‌ଠାନୁ ମୁଲ୍ ହେବା । ଜିଲ୍ଲା ଫୁଟ୍‌ବଲ୍ ଏସୋସିଏସନ୍ ତର୍‌ଫୁ ଗାନ୍ଧୀ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବା ଇ ଚାମ୍ପିଅନ୍‌ସିପ୍ ୧୬ ତାରିଖ୍‌ତକ୍ ଚାଲ୍‌ବା । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାକେ ଉଦ୍‌ଘାଟନ୍ କର୍‌ବେ । ଚାମ୍ପିଅନ୍‌ସିପ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାନୁ ୩୦ ଟା ଦଲ୍ ଭାଗ୍ ନେଉଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ପାଶେ ଗୁଟେ ଘୂର୍ଣ୍ଣିବଲୟ ହେଇଛେ । ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଇଟା ଲଘୁଚାପ୍ କ୍ଷେତ୍ରଥି

ବଦ୍‌ଲିବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୧୬ ଟା ଜିଲ୍ଲା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।